
ହାତୀଗୁମ୍ଫା ଓ ଖମାରସାହି ପୂଜା ମଣ୍ଡପ ମେଢ।


ଢେଙ୍କାନାଳ ଲକ୍ଷ୍ମୀପୂଜା ଉତ୍ସବରେ ପ୍ରବଳ ଜନସମାଗମ।

ଫଟୋ– ମାନସ

# ହରଷଚିତ୍ତେ ହରିପ୍ରିୟା

ଢେଙ୍କାନାଳ,୨୦।୧୦(ରତନ ନାୟାର)

■ଢେଙ୍କାନାଳ ସହର ଜନସମୁଦ୍ର
■ଦିବ୍ୟ ଦର୍ଶନ କରି ଭକ୍ତ ଉଲ୍ଲସିତ
■ପୂଜା ପ୍ରତିଷ୍ଠାନ କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ

କାଚରେ ତିଆରି ହୋଇଛି ମା'ଙ୍କ ମେଢ଼। କାଞ୍ଚନରେ ମଧ୍ୟ ବିଭୂଷିତ ମହାଲକ୍ଷ୍ମୀ। ପିତଳରେ ବି ହୋଇଛି ସାଜସଜା। କେଉଁଠି ହାତୀ ଗୁମ୍ଫାରେ ତ ଆଉ କେଉଁଠି ମତ୍ସ୍ୟକନ୍ୟାଙ୍କ ମେଳରେ ହରଷଚିତ୍ତେ ଦର୍ଶନ ଦେଉଛନ୍ତି ହରିପ୍ରିୟା। ରବିବାର ଥିବାରୁ ଢେଙ୍କାନାଳ ଲକ୍ଷ୍ମୀପୂଜାରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଛି। କୈବଲ୍ୟ ବଜାରଠାରୁ ରଥଗଡ଼ା ଓ ଗଣେଶ ବଜାର ଦେଇ ଜହାବାରଚୌକ, ମୀନାବଜାର, ବାଜିଚୌକ ଓ ଚନ୍ଦନ ବଜାର ପର୍ଯ୍ୟନ୍ତ ଜନ ସମୁଦ୍ର ପାଲଟିଛି ଢେଙ୍କାନାଳ ସହର । ରାସ୍ତାର ଉଭୟ ପାର୍ଶ୍ୱରେ ରଙ୍ଗୀନ ଆଲୋକମାଳାର ସାଜସଜା ସହିତ ବ୍ୟାପକ ଭିଡ଼ ଢେଙ୍କାନାଳ ଲକ୍ଷ୍ମୀପୂଜାକୁ ଅଧିକ ଉତ୍ସବ ମୁଖର କରିଛି।

## କୁଞ୍ଜବନରେ ଲକ୍ଷ୍ମୀଙ୍କ ସହ ଜଗନ୍ନାଥ, ବଳଭଦ୍ର



ମା' ଲକ୍ଷ୍ମୀଙ୍କ କୋପରୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ବୁଲିବୁଲି ଥକିଗଲା ପରେ କୁଞ୍ଜବନ ମହଲରେ ମା'ଙ୍କ ପାଖରେ ଆସି ପହଞ୍ଚିଥିବା ଦୃଶ୍ୟ କାଳୀକା ନଗର ପୂଜା ପ୍ରତିଷ୍ଠାନ ପକ୍ଷରୁ ଚଳିତବର୍ଷ ପ୍ରଦର୍ଶିତ ହୋଇଛି। ଏହି ଦୃଶ୍ୟ ଦେଖିବା ପାଇଁ ପୂଜା ମଣ୍ଡପରେ ବ୍ୟାପକ ଭିଡ଼ ସମାଗମ ହୋଇଥିବା ଦେଖାଯାଇଛି। କାଳୀକା ନଗର ପୂଜା ପ୍ରତିଷ୍ଠାନ ପକ୍ଷରୁ ପ୍ରତିବର୍ଷ ପୌରାଣିକ କଥାବସ୍ତୁକୁ ନେଇ ସାଜସଜ୍ଜା ବେଶ ଆକର୍ଷଣୀୟ ହୋଇଥାଏ ।

## ହଳଦିଆ ରଙ୍ଗରେ ଚମକିଲେ



ରାଧାକୃଷ୍ଣ ବଜାରରେ ପ୍ରତିବର୍ଷ ମା' ଦୁର୍ଗାଙ୍କ ନବରାତ୍ର ପୂଜା ପରେ ମା' ଲକ୍ଷ୍ମୀଙ୍କ ପୂଜା ଉତ୍ସବ ମହାସମାରୋହରେ ପାଳିତ ହୋଇଥାଏ । ଚଳିତବର୍ଷ ହଳଦିଆ ରଙ୍ଗର ମେଢରେ ହାତୀଙ୍କ ସହ ମା' ଲକ୍ଷ୍ମୀଙ୍କର ବିଜେ ଦୃଶ୍ୟ ପୂଜା ମଣ୍ଡପରେ ସାଜସଜ୍ଜା ହୋଇଛି। ଏଥିସହ ଆଲୋକମାଳାରେ ପୂଜା ମଣ୍ଡପ ଝଲସୁଛି।

## ହାତୀଗୁମ୍ଫା ମଧ୍ୟରେ ବିଜେ

ଢେଙ୍କାନାଳ ଖମାର ସାହି ପୂଜା ପ୍ରତିଷ୍ଠାନ ପକ୍ଷରୁ ଚଳିତବର୍ଷ ହାତୀ ସୁରକ୍ଷାର ବାର୍ତ୍ତାକୁ ନେଇ ନିଆରା ଭାବରେ ପୂଜା ମଣ୍ଡପକୁ ସାଜସଜ୍ଜା କରାଯାଇଛି । ହାତୀ ଗୁମ୍ଫା ମଧ୍ୟରେ ମା' ମହାଲକ୍ଷ୍ମୀ ସଖିଙ୍କ ଗହଣରେ ବିଜେ କରିଥିବା ଦୃଶ୍ୟ ପୂଜା ମଣ୍ଡପରେ ପ୍ରଦର୍ଶିତ ହୋଇଛି। ଖମାରସାହି ପୂଜା ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି ସୁକାନ୍ତ ମିଶ୍ରଙ୍କ ସୂଚନା ଅନୁଯାୟୀ ଚଳିତବର୍ଷ ଖମାରସାହି ପୂଜା ପ୍ରତିଷ୍ଠାନ ପକ୍ଷରୁ ହାତୀ ସୁରକ୍ଷାକୁ ନେଇ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଛି । ହାତୀ ଆମର ସାଥି । ହାତୀ ବଞ୍ଚିଲେ ପ୍ରକୃତି ବଞ୍ଚିବ ଏବଂ ହାତୀ ଆମର ଶତ୍ରୁ ନୁହେଁ । ଏହାର ସୁରକ୍ଷା ନିତ୍ୟାନ୍ତ ଜରୁରୀ ବୋଲି ବାର୍ତ୍ତା ପ୍ରଦାନ କରାଯାଇଛି। ହାତୀ ଗୁମ୍ଫା ଭିତରେ ମା' ଲକ୍ଷ୍ମୀଙ୍କର ବିଜେ ବେଶ୍ ଆକର୍ଷଣୀୟ ହୋଇଛି ।



## ନଦୀ ମଧ୍ୟରେ ମତ୍ସ୍ୟକନ୍ୟାଙ୍କ ସହ

ରାମେଶ୍ୱରପୁର ପୂଜା ପ୍ରତିଷ୍ଠାନ ପକ୍ଷରୁ ଚଳିତବର୍ଷ ପୂଜା ମଣ୍ଡପର ପ୍ରବେଶ ଦ୍ୱାରକୁ ଏକ ଗୁମ୍ଫା ଆକାରର ସାଜସଜ୍ଜା କରାଯାଇଥିବା ବେଳେ ପୂଜା ମଣ୍ଡପକୁ ନଦୀ ମଧ୍ୟରେ ମତ୍ସ୍ୟ କନ୍ୟାଙ୍କ ସହ ମା' ଲକ୍ଷ୍ମୀ ବିଜେ କରିଥିବା ଦୃଶ୍ୟ ବେଶ୍ ଆକର୍ଷଣୀୟ ହୋଇଛି । ନଦୀ ଭିତରେ ଡଲଫିନ ମାଛର ଦୃଶ୍ୟ ମଧ୍ୟ ଦେଖାଯାଇଛି ।



## ପିତ୍ତଳ ମେଢ଼ରେ ମା'



ଢେଙ୍କାନାଳ କାରୀଗର ସାହି ପୂଜା ମଣ୍ଡପରେ ଚଳିତବର୍ଷ ପିତ୍ତଳ ମେଢ଼ରେ ମା' ଲକ୍ଷ୍ମୀ ବିରାଜିଛନ୍ତି । ୧ କୁଇଣ୍ଟାଲ ୬୦କେଜି ପିତ୍ତଳରେ ଏହି ମେଢ ନିର୍ମିତ ହୋଇଛି। ଏଥିପାଇଁ ପୂଜା ପ୍ରତିଷ୍ଠାନ ପକ୍ଷରୁ ୧୧ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ରାତିରେ ରଙ୍ଗିନ ଆଲୋକମାଳାରେ କାରୀଗର ସାହି ମେଢ ଝଲସୁଛି ।

## କାଞ୍ଚନ ବଜାରରେ କାଚ କାରିଗରି



ଢେଙ୍କାନାଳ କାଞ୍ଚନ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ପୂଜା ମଣ୍ଡପକୁ ଏକ ଆକର୍ଷଣୀୟ ଭଙ୍ଗିରେ ସାଜସଜ୍ଜା କରାଯାଇଛି । ଚଳିତବର୍ଷ ପୂଜା ମଣ୍ଡପରେ କାଚରେ ତିଆରି ମେଢ ମଧ୍ୟରେ ମା' ଲକ୍ଷ୍ମୀ ବିରାଜିଛନ୍ତି। ରଙ୍ଗୀନ ଆଲୋକମାଳାରେ ମେଢ ସହିତ ମା'ଙ୍କ ମୃଣ୍ମୟ ମୂର୍ତ୍ତି ଝଲସି ଉଠିଛି । ଆସନ୍ତାବର୍ଷ କାଞ୍ଚନ ବଜାରର ୭୫ବର୍ଷ ପୂର୍ତ୍ତି ଉତ୍ସବ ପାଳନ ହେବ ବୋଲି ଜଣାପଡିଛି। ସେଥିପାଇଁ ବର୍ତ୍ତମାନଠାରୁ ପୂଜା କମିଟିର କର୍ମକର୍ତ୍ତାମାନେ ବେଶ୍ ଉତ୍ସାହିତ ହୋଇପଡିଛନ୍ତି ।

## ରାସୋଳରେ ଲକ୍ଷ୍ମୀପୂଜା



ରାସୋଳ,୨୦।୧୦(ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଅଞ୍ଚଳରେ ଧୁମଧାମରେ ଲକ୍ଷ୍ମୀପୂଜା ପାଳିତ ହେଉଛି । ତେଲିଭୂଇଁ, ରାକୋଳ, ନାଉକିଆରୀ, ପର୍ଶୁରାମପୁର, କୁନୁଆ, ବାଙ୍ଗଟିଆ, କଳିଙ୍ଗାପାଳ ଆଦି ଆଖପାଖ ଅଞ୍ଚଳରେ ପ୍ରାୟ ୧୫ଟି ସ୍ଥାନରେ ଗଜଲକ୍ଷ୍ମୀ ପୂଜା ପାଉଛନ୍ତି । ଅନେକ ଜାଗାରେ ଯାତ୍ରା, ମେଲୋଡି, ମୀନାବଜାର ଏପରି ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଫଳରେ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟିହୋଇ ଉତ୍ସବମୁଖର ହୋଇଉଠିଛି। ବିଷ୍ଣୁପ୍ରିୟା ବଣିକ ସଂଘ ତେଲିଭୂଇଁ ମୁଖ୍ୟ ବଜାରରେ ହୋଇଥିବା ପୂଜାରେ ୨୨ରେ ବାଦଦଣ୍ଡ, ୨୩ରେ ନାଟକ, ୨୪ରେ ଅନ୍ନଭୋଗ ପ୍ରସାଦ ସେବନ ହେବ । ୨୮ ତାରିଖରେ ସମୂହ ଭସାଣି ଉତ୍ସବ ହେବ ବୋଲି ସଭାପତି ଦୁର୍ଯ୍ୟୋଧନ ସିଂ କହିଛନ୍ତି। ସଭ୍ୟ ଗୌତମ କୁମାର ସାହୁ, ସଞ୍ଜୟ ସାହୁ, ସର୍ବେଶ୍ୱର ନାୟକ ସାଂସ୍କୃତିକ ଓ ପୂଜା କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି।

## ଲକ୍ଷ୍ମୀପୂଜା ପରମ୍ପରା ଜ୍ଞାନ ଆହରଣରେ ସୁଯୋଗ ସୃଷ୍ଟି କରିଛି

**ମହାବୀର ବଜାର ପ୍ଲାଟିନମ ଜୁବିଲି ସମାରୋହର ଦ୍ୱିତୀୟ ସନ୍ଧ୍ୟା**

ଢେଙ୍କାନାଳ,୨୦।୧୦(ରତନ ନାୟାର)

ଢେଙ୍କାନାଳର ପ୍ରମୁଖ ପୂଜା ପ୍ରତିଷ୍ଠାନ ମହାବୀର ବଜାରର ୭୫ବର୍ଷ ପୂର୍ତ୍ତି ପାଳନ ଅବସରରେ ଅନୁଷ୍ଠିତ ହେଉଥିବା ପ୍ଲାଟିନମ ଜୁବିଲି ସମାରୋହର ଦ୍ୱିତୀୟ ସନ୍ଧ୍ୟା ରବିବାର ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରିଗେଡିୟର ରାଜା କାମାକ୍ଷା ପ୍ରସାଦ ସିଂହଦେଓ କହିଲେ ଯେ, ଢେଙ୍କାନାଳ ଲକ୍ଷ୍ମୀପୂଜା ସହ ରାଜ ପରିବାରର ବହୁ ପୁରୁଣା ସମ୍ପର୍କ। ଢେଙ୍କାନାଳର ଲକ୍ଷ୍ମୀପୂଜାର ଐତିହ୍ୟ ଓ ପରମ୍ପରା ଭବିଷ୍ୟତ ପିଢିକୁ ଜ୍ଞାନ ଆହାରଣରେ ସୁଯୋଗ ସୃଷ୍ଟି କରିବ। ଜ୍ଞାନ ଆହରଣ ପାଇଁ କୌଣସି ବୟସ ନଥାଏ ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଢେଙ୍କାନାଳର ଲକ୍ଷ୍ମୀପୂଜା ପରମ୍ପରା ଓ ଐତିହ୍ୟ ସମ୍ପର୍କରେ ଆଲୋକପାତ କରି କହିଲେ ଯେ, ଢେଙ୍କାନାଳରେ ଆଧ୍ୟାତ୍ମିକ ଭାବାବେଗର ପ୍ରସାର ପାଇଁ ଯେଉଁ ମଠ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା, ସେଥିରେ ରାଜ ପରିବାରର ପ୍ରମୁଖ ଅବଦାନ ରହିଛି। ଲୋକମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଭାବ ଜାଗ୍ରତ କରି ସେମାନଙ୍କୁ ଶାନ୍ତିରେ ଜୀବନ ଯାପନ କରିବା ଏହାର ପ୍ରକୃତ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ରହିଥିଲା । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ମହାବୀର ବଜାର ଲକ୍ଷ୍ମୀପୂଜା ପ୍ରତିଷ୍ଠାନ ଆଜି ଯେଉଁମାନଙ୍କ ପାଇଁ ୭୫ବର୍ଷରେ ପଦାର୍ପଣ କରିଛି, ସେମାନଙ୍କର ନିଷ୍ଠା, ପରିଶ୍ରମ ଓ ତ୍ୟାଗ ପାଇଁ ସେମାନେ ଆମର ନମସ୍ୟ ବୋଲି ମତବ୍ୟକ୍ତ କରିଥିଲେ । ଭାଇଚାର ପର୍ବ ସମ୍ପର୍କକୁ ମଜଭୁତ କରିଥାଏ । ମାନ, ଅଭିମାନ ଭୁଲି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଢେଙ୍କାନାଳବାସୀ ଏକାଠି ହୋଇ ଏହି ଗଣପର୍ବକୁ ପାଳୁଛନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବରାଜ ଅମରଜ୍ୟୋତି ସିଂହଦେଓ, ମା' ଲକ୍ଷ୍ମୀ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ ଓ ସମସ୍ତେ ସମୃଦ୍ଧ କରନ୍ତୁ ବୋଲି ପ୍ରାର୍ଥନା କରିଥିଲେ । ମହାବୀର ବଜାର ପୂଜା ପ୍ରତିଷ୍ଠାନର ସଭାପତି ଦୀପକ ପ୍ରସାଦ ପଟ୍ଟନାୟକ ଉତ୍ସବରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ଜ୍ଞାନେନ୍ଦ୍ର ବେହେରା ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଆନନ୍ଦ ବଜାର, ରାଧାକୃଷ୍ଣ ବଜାର, ପଦ୍ମବଜାର, ଜୁବିଲି ଟାଉନ-୧, କ୍ରିଷ୍ଣା ବଜାର କୁଞ୍ଜକାନ୍ତ ଓ କୈବଲ୍ୟ ବଜାର ପୂଜା ପ୍ରତିଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ମହାବୀର ବଜାର ପୂଜା ପ୍ରତିଷ୍ଠାନର ୭୫ବର୍ଷ ପାଳନ ଅବସରରେ ଯେଉଁମାନଙ୍କର ତ୍ୟାଗ ଓ ସହଯୋଗ ରହିଛି ସେମାନଙ୍କ ମଧ୍ୟରେ ରବି ନାରାୟଣ ଖୁଣ୍ଟିଆ, ଗୋବିନ୍ଦ ଜେନା, ବଟକୃଷ୍ଣ ପଟ୍ଟନାୟକ, ଅମରେନ୍ଦ୍ର ପଟ୍ଟନାୟକ ଓ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୁଜିତ ମୁଦୁଲି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସତ୍ୟନାରାୟଣ କର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରଶାନ୍ତ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀ ନୀଳଚକ୍ର ଭଜନ ମଞ୍ଚ କଟକର କଳାକାରମାନେ ଭଜନ ପରିବେଷଣ କରିଥିଲେ ।


ମୁଖ୍ୟ ଅତିଥି ରାଜା କେ.ପି ସିଂହଦେଓ ଉଦ୍‌ବୋଧନ ଦେଉଛନ୍ତି।

## ମହଲରେ ସଖୀଙ୍କ ମେଳେ ମହାଲକ୍ଷ୍ମୀ



ଆକର୍ଷଣୀୟ ସାଜସଜ୍ଜା ମହଲ ଭିତରେ ସଖିଙ୍କ ଗହଣରେ ପଦ୍ମ ଉପରେ ପଦ୍ମାଳୟାଙ୍କ ବିରାଜମାନ ଦୃଶ୍ୟ ରତନ ବଜାର ପୂଜା ମଣ୍ଡପରେ ପ୍ରଦର୍ଶିତ ହୋଇଛି । ଚଳିତବର୍ଷ ପୂଜା ମଣ୍ଡପରେ ମହଲକୁ ବେଶ ଆକର୍ଷଣୀୟ ଭଙ୍ଗିରେ ସାଜସଜ୍ଜା କରାଯାଇଛି। ରଙ୍ଗୀନ ଆଲୋକମାଳାରେ ପୂଜା ମଣ୍ଡପଟି ବେଶ୍ ଆକର୍ଷଣୀୟ ହୋଇଛି ।

## ଅନୁଗୋଳ ଲକ୍ଷ୍ମୀପୂଜାରେ ପ୍ରବଳ ଜନଗହଳି ଓ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ








# ଚାନ୍ଦିମେଢ଼ ପରିକ୍ରମା କଲେ ଐତିହ୍ୟ ପଦଯାତ୍ରୀ



ଗଣେଶ ବଜାର ପୂଜା ମଣ୍ଡପ ଚାନ୍ଦିମେଢ ସମ୍ମୁଖରେ ଐତିହ୍ୟ ପଦଯାତ୍ରୀ ଦଳ।

**ଢେଙ୍କାନାଳ,୨୦।୧୦(ରତନ ନାୟାର)**

ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ଅଷ୍ଟାଦଶ ସଂସ୍କରଣରେ ରବିବାର ଐତିହ୍ୟପ୍ରେମୀ ପଦଯାତ୍ରୀମାନେ ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉପଲକ୍ଷେ ୬ଟି ପୂଜା ପ୍ରତିଷ୍ଠାନ ପକ୍ଷରୁ ହୋଇଥିବା ଚାନ୍ଦିମେଢ଼ ପରିଦର୍ଶନ କରିଛନ୍ତି। ଏଥିସହିତ ପଦଯାତ୍ରୀ ଦଳ ଚାନ୍ଦିମେଢ଼ର ଇତିହାସ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଢେଙ୍କାନାଳ ପ୍ରସିଦ୍ଧ ଲକ୍ଷ୍ମୀପୂଜାର ପ୍ରଥମ ପୂଜା ପ୍ରତିଷ୍ଠାନ ଶ୍ରୀଶ୍ରୀ ମଉଡ଼ମଣୀ ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ମୀନାବଜାରରେ ପ୍ରଥମେ ୧୯୫୯ ମସିହାରେ ଚାନ୍ଦିମେଢ ହୋଇଥିଲା । ୧୯୭୬ ମସିହାରେ ମେଢଟି ଚୋରି ହୋଇଯିବା ପରେ ୨୦୦୪ରେ ୧୬୦କେଜି ରୁପାରେ ନୂଆକରି ଚାନ୍ଦିମେଢ ନିର୍ମିତ ହୋଇଥିଲା। କଟକର ଚୌଧୁରୀ ବଜାର ଦୁର୍ଗାମେଢ ପରେ ଢେଙ୍କାନାଳର ମୀନାବଜାର ଚାନ୍ଦିମେଢ଼ ଓଡିଶାର ଦ୍ୱିତୀୟ ପୁରାତନ ଚାନ୍ଦିମେଢ ଓ ଢେଙ୍କାନାଳର ପ୍ରଥମ ଚାନ୍ଦିମେଢ଼ । ସେହିପରି କୈବଲ୍ୟବଜାର ପୂଜ ପ୍ରତିଷ୍ଠାନ ପକ୍ଷରୁ ୨୦୧୬ରେ ୧୪୦କେଜି ରୁପାରେ ଚାନ୍ଦିମେଢ ନିର୍ମାଣ କରାଯାଇ ଦ୍ୱିତୀୟ ଚାନ୍ଦିମେଢର ମାନ୍ୟତା ଲାଭ କରିଥିଲା । ସେହିପରି ୨୦୧୮ରେ ଗୁଡିଆନାଳୀ ପୂଜା ପ୍ରତିଷ୍ଠାନ ପକ୍ଷରୁ ୧୨୫କେଜି ଓଜନ ରୁପାରେ ଚାନ୍ଦିମେଢ ନିର୍ମିତ ହୋଇଥିଲା। ୨୦୧୮ ମସିହାରେ ଗଣେଶ ବଜାର ପୂଜା ପ୍ରତିଷ୍ଠାନ ୩୫୦ କେଜି ରୁପାରେ ଏକ ବିଶାଳ ଚାନ୍ଦିମେଢ ନିର୍ମାଣ କରି ରାଜ୍ୟରେ ସବୁଠାରୁ ଅଧିକ ଓଜନ ବିଶିଷ୍ଟ ଚାନ୍ଦିମେଢର ମନ୍ୟତା ପାଇଥିବା ଐତିହ୍ୟ ପଦଯାତ୍ରା ଦଳ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ୨୦୨୨ ମସିହାରେ ଲକ୍ଷ୍ମୀବଜାର ପକ୍ଷରୁ ୧୫୦କେଜି ରୁପାରେ ଚାନ୍ଦିମେଢ ତିଆରି ହୋଇଥିଲା । ଚଳିତବର୍ଷ ଦେଉଳସାହି ପୂଜା ମଣ୍ଡପ ପକ୍ଷରୁ ୭୦କେଜି ରୁପାରେ ଏକ ସୁନ୍ଦର ଚାନ୍ଦିମେଢ ନିର୍ମିତ ହୋଇଛି । ପ୍ରତ୍ୟେକ ବଜାର କମିଟିର ସଦସ୍ୟମାନେ ପଦଯାତ୍ରୀ ଦଳକୁ ସ୍ୱାଗତ କରିବା ସହ ନିଜନିଜ ବଜାରର ଚାନ୍ଦମେଢର ତଥ୍ୟ ପ୍ରଦାନ କରିଥିଲେ। ଐତିହ୍ୟ ପଦଯାତ୍ରାର ଆବାହକ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ବରିଷ୍ଠ ଶିକ୍ଷାବିତ ଡ. ଭବାନୀ ଶଙ୍କର ମିଶ୍ର, ଡ. ମୃଣାଳ ଚାଟାର୍ଜୀ, ଜିଲା ସାମ୍ବାଦିକ ସଂଘର ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ, କଟକ ହେରିଟେଜ୍ ୱାକର ବରିଷ୍ଠ ସଦସ୍ୟ ବିଶ୍ୱରଞ୍ଜନ ଦେହୁରୀ, ଏକାମ୍ର ଐତିହ୍ୟ ପଦଯାତ୍ରା ଭୁବନେଶ୍ୱରର ସଦସ୍ୟ ହୃଦାନନ୍ଦ ବେହେରା, ରମେଶ ପତି, ବଦ୍ରିନାଥ ଜେନା, ଅଞ୍ଜଳି ପଟ୍ଟନାୟକ, ପ୍ରାଚୀ ପଟ୍ଟନାୟକ, ସୁନିତା ମହାପାତ୍ର, ପ୍ରଶାନ୍ତ କୁମାର ତ୍ରିପାଠୀ, ମେଘା ମୌସୁମୀ ସାହୁ, ସ୍ୱର୍ଣ୍ଣପ୍ରଭା ସେଠି, ଲକ୍ଷ୍ମୀ ନାରାୟଣ ତ୍ରିପାଠୀ, ଜନ୍ମେଜୟ ରାଉତ, ସନ୍ତୋଷ କୁମାର ସିଂହ, ମଧୁଜ୍ୟୋସ୍ନା ସିଂହ, ପିୟୁଷ ଅଗ୍ରୱାଲ, ବିଶ୍ୱଜିତ ସାହୁ, ବିକାଶ ପ୍ରଧାନ, ଅରୁଣ କୁମାର ଦାସ, ଲକ୍ଷ୍ମୀଧର ବେହେରା, ତପନ ସାହୁ, ସତ୍ୟପ୍ରକାଶ ସାହୁ, ଜଗଦିଶ ସାହୁ ଓ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ବହୁ ଐତିହ୍ୟ ପ୍ରେମୀ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ମନମୋହୁଛି କଂସ ଦରବାର



**ବଇଣ୍ଡା, ୨୦।୧୦ (ପରିକ୍ଷୀତ ସାହୁ)**

ଗଜଲକ୍ଷ୍ମୀ ପୂଜା ଅବସରରେ କିଶୋରନଗର ବ୍ଲକ ଖଣ୍ଡହତା-ପିପଳବାହାଳ ଲକ୍ଷ୍ମୀପୂଜା କମିଟି ତରଫରୁ ଆୟୋଜିତ ହୋଇଛି ଧନୁଯାତ୍ରା କାର୍ଯ୍ୟକ୍ରମ। ଗତ ୧୮ ତାରିଖଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ୨୭ ତାରିଖ ଯାଏଁ ଚାଲିବ। ଦେବକୀ-ବସୁଦେବ ବିବାହ, ଉଗ୍ରସେନଙ୍କ ଗାଦିଚ୍ୟୁତ ଓ କଂସ ମହାରାଜଙ୍କ ସିଂହାସନ ଆରୋହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମାଜସେବୀ ଚିନ୍ମୟୀ ଦାସ, ପବନ କୁମାର କଟାରୁକା, ଧଉରାପାଳି

**୭୨ତମ ବର୍ଷରେ ଖଣ୍ଡହତା-ପିପଳବାହାଳ ଗଜଲକ୍ଷ୍ମୀ ପୂଜା**

ସରପଞ୍ଚ ସଞ୍ଜିତ କୁମାର ସାହୁ, ଭାଜପା ନେତା ହୃଦାନନ୍ଦ ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତ୍ୟେକଟି ବ୍ୟକ୍ତି ମଥୁରାଗଡ଼ର ସର୍ବାଙ୍ଗୀନ ଉନ୍ନତି ନିମିତ୍ତ କାର୍ଯ୍ୟ କରିବାକୁ କଂସ ମହାରାଜ ନିର୍ଦ୍ଦେଶ ଦେଇଥିଲେ। ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି ବିଦୂଷକ ଭୂମିକାରେ ଅବତୀର୍ଣ୍ଣ ହୋଇ ମଞ୍ଚ ପରିଚାଳନା କରିଥିଲେ। ଲକ୍ଷ୍ମୀ ପୂଜା ଅବସରରେ ଖଣ୍ଡହତା ଗ୍ରାମକୁ ମଥୁରାକଟକ, ଘୋଷର ଜୋରକୁ ଯମୁନା ନଈ, ଘୋଷର ଗ୍ରାମକୁ ଗୋପପୁର ଭାବରେ ରଖାଯାଇ ପୌରାଣିକ ତଥ୍ୟ ଆଧାରରେ ମନୋଜ୍ଞ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଅଛି। କଂସ ମହାରାଜଙ୍କ ଦରବାରରେ ପ୍ରତ୍ୟହ ବିଶିଷ୍ଟ ଅତିଥିମାନେ ସାମିଲ ହେବା ସହିତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ପୂଜା କମିଟିର ସମ୍ପାଦକ ସୁଧା ସାଗର ପ୍ରଧାନ, ସଭାପତି ପ୍ରଦୀପ ପ୍ରଧାନ ଓ କୋଷାଧ୍ୟକ୍ଷ ଅଖିଳ କୁମାର ପ୍ରଧାନ ଜଣାଇଛନ୍ତି। କଂସ ଦରବାର ଦେଖିବାପାଇଁ ପ୍ରତ୍ୟହ ଦର୍ଶକମାନଙ୍କ ଭିଡ଼ ଲାଗିରହିଛି।


ବାବା କ୍ଲବ


ଫ୍ରେଣ୍ଡସ୍ କ୍ଲବ୍

# ଲକ୍ଷ୍ମୀପୂଜା ପାଇଁ ଝଲସୁଛି କୁଲାଡ଼



**ବଅଁରପାଳ, ୨୦।୧୦ (ସୁବାସ ସାହୁ)**

ଅନୁଗୋଳ ଜିଲା ବଅଁରପାଳ କୁଲାଡ ଗ୍ରାମ ଲକ୍ଷ୍ମୀପୂଜା ପାଇଁ ଝଲସୁଛି । ଚଳିତ ବର୍ଷ କୁଲାଡ଼ ଛକ, ବିଗ୍‌ପଣ୍ଡ, ବ୍ରାହ୍ମଣୀ ଦେବୀ ସାହି, ବାବା କ୍ଲବ, ଫ୍ରେଣ୍ଡସ କ୍ଲବ, ଆଲୁମିନିୟମ ହାଇସ୍କୁଲ, ବଣିକ ସଂଘ, ପ୍ରିନ୍ସ କ୍ଲବ, ରୟାଲ କ୍ଲବ ଆଦି ମଣ୍ଡପରେ ପୂଜା ପାଉଛନ୍ତି ମା' ମହାଲକ୍ଷ୍ମୀପୂଜା। ଏହି ପୂଜା ପାଇଁ ପ୍ରତ୍ୟକ ସାହିରେ ଅତ୍ୟାଧୁନିକ ଆଲୋକ ମାଳା ସହିତ ତୋରଣ ଓ ପୋଖରୀ ଭିତରେ ହୋଇଥିବା ପଦ୍ମ ପାଖୁଡାରେ ମା'ଲକ୍ଷ୍ମୀପ୍ରତିମା ବେଶ ଲୋକଙ୍କୁ ଆକର୍ଷଣ କରୁଛି। ସେହିପରି ଆଲୁମିନିୟମ ହାଇସ୍କୁଲ ସ୍କୁଲ କ୍ଲବ ତରଫରୁ ମହାକାଳେଶ୍ୱର ମୂର୍ତ୍ତୀ ସହିତ ମାର୍ବଲରେ ମା'ଙ୍କ ପ୍ରତିମା ଆକର୍ଷଣୀୟ ହୋଇଛି। ସନ୍ଧ୍ୟା ହେଲେ ସହର ଆଲୋକର ତାଳେ ତାଳେ ଝଲସିଉଠୁଛି। ପ୍ରତ୍ୟକ ମଣ୍ଡପରେ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ମା' ଲକ୍ଷ୍ମୀଙ୍କ ଭସାଣି ମିଳିତ ଭାବେ ଆୟୋଜନ କରାଯିବ ବୋଲି ମତ ପ୍ରକାଶ କରିଛନ୍ତି। ସମସ୍ତ ମଣ୍ଡପ ନିକଟରେ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। କୁଲାଡ଼ ଛକ ନିକଟରେ ମୀନାବଜାର ପଡିଥିବାରୁ ଲୋକମାନେ ଭରପୁର ମଜା ନେଉଛନ୍ତି ଓ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ଦର୍ଶନ ପାଇଁ ଭିଡ ଲଗାଉଛନ୍ତି । ସେହିପରି ପ୍ରିନ୍ସ କ୍ଲବ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଲଡୁ ନିଲାମର କାର୍ଯ୍ୟକ୍ରମ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।


ପ୍ରିନ୍ସ କ୍ଲବ୍


ଆଲୁମିନିୟମ୍ ହାଇସ୍କୁଲ୍ କ୍ଲବ୍

# ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିର



ପରଜଙ୍ଗ, ୨୦।୧୦ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁଆଲୋ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ରବିବାର ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜି.ଏମ ଆଇରନ ଆଣ୍ଡ ଷ୍ଟିଲ ପ୍ଲାଣ୍ଟର ପୂର୍ଣ୍ଣ ସହଯୋଗରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ପରଜଙ୍ଗ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିରର ଆୟୋଜନ କରାଯାଇଛି। ଯୁବମୋର୍ଚ୍ଚା ସଭାପତି ବ୍ରହ୍ମାନନ୍ଦ ସାହୁ, କୁଆଲୋ ସରପଞ୍ଚ ଅଜିତ କୁମାର ସାହୁଙ୍କ ଅଧକ୍ଷତାରେ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ଦୀପକ କୁମାର ଗୋଛାୟତ, ଜିଲା ପ୍ରଭାରୀ ଦୁର୍ଗାଚରଣ ସାହୁ, ଜିଏମ ଆଇରନ ଆଣ୍ଡ ଷ୍ଟିଲ ପ୍ଲାଣ୍ଟର ମାନବ ସମ୍ବଳ ଅଧିକାରୀ ତପନ କୁମାର ରଥ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ୮୧ ୟୁନିଟ ରକ୍ତଦାନ କରିଥିଲେ। ତାଳଚେର ରକ୍ତଭଣ୍ଡାରର କାର୍ଯ୍ୟକର୍ତ୍ତା ରକ୍ତ ସଂଗ୍ରହ କରିଥିଲେ।

# ଜନଜୀବନର ସମସ୍ୟା ନେଇ ଆନ୍ଦୋଳନ ଚେତାବନୀ

## ଏସ୍‌ୟୁସିଆଇର ଜିଲାସ୍ତରୀୟ କର୍ମୀସଭା



ଅନୁଗୋଳ ଅଫିସ,୨୦।୧୦(ମାନସ ବିଶ୍ୱାଳ)

ଅନୁଗୁଳ ଜିଲା କମିଟି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ରବିବାର ସ୍ଥାନୀୟ ଶିକ୍ଷକପଡାଠାରେ ଜିଲାସ୍ତରୀୟ କର୍ମୀ ସଭା ଅନୁଷ୍ଠିତ ହୋଇଯାଇଛି। କମିଟି ସମ୍ପାଦକ ଭିକାରୀ ପ୍ରଧାନ ସଭାପତିତ୍ୱ କରିଥିଲେ। ସଭାରେ କେନ୍ଦ୍ରୀୟ କମିଟି ସଭ୍ୟ ଶଙ୍କର ଦାସଗୁପ୍ତ ଯୋଗଦେଇ ରାଜ୍ୟର ଡବଲ ଇଞ୍ଜିନ୍ ସରକାର ଆସିବା ପରେ ଆଳୁ ପିଆଜ, ଖାଇବା ତେଲ ସମେତ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦର ୨ ରୁ ୩ ଗୁଣ ବୃଦ୍ଧି ହେବା ସହିତ ଜନସାଧାରଣଙ୍କ ଉପରେ ଶୋଷଣ, ଜୁଲୁମ୍, ଅତ୍ୟାଚାର ଦ୍ୱିଗୁଣିତ ହୋଇଛି। ଗୋଟିଏ ପଟେ ବେକାରୀ ସମସ୍ୟା ହୁହୁହୋଇ ବଢୁଥିବା ବେଳେ ବିଭିନ୍ନ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରୀକ୍ଷା ନିଟ୍, ନେଟ୍‌ଠାରୁ ଆରମ୍ଭ କରି ନିଯୁକ୍ତି ପାଇଁ ଅନୁଷ୍ଠିତ ହେଉଥିବା ପରୀକ୍ଷାରେ ବ୍ୟାପକ ଦୁର୍ନୀତି ଯୋଗୁଁ ମେଧାବୀ ଛାତ୍ର, ଯୁବକ ହତାଶ ହେଉଛନ୍ତି। କେବଳ ଅର୍ଥନୈତିକ ଶୋଷଣ ନୁହେଁ, ମଦ, ମାଦକ ଦ୍ରବ୍ୟ, ଅଶ୍ଳୀଳତା, ଅପସଂସ୍କୃତିର ବ୍ୟାପକ ପ୍ରଚାର ପ୍ରସାର ଫଳରେ ସାମାଜିକ, ସାଂସ୍କୃତିକ ଏବଂ ପାରିବାରିକ ଜୀବନ ଧ୍ୱସ୍ତବିଧ୍ୱସ୍ତ ହୋଇଯାଉଛି । ସମାଜର ଦିନକୁ ଦିନ ନାରୀ ନିର୍ଯ୍ୟାତନା ସୀମାହୀନ ଭାବେ ବୃଦ୍ଧି ପାଉଛି । କେବଳ ସରକାର ପରିବର୍ତ୍ତନ ଦ୍ୱାରା ଏହିସବୁ ସମସ୍ୟାର ସମାଧାନ ହୋଇପାରିବ ନାହିଁ । ଏଥିପାଇଁ ପ୍ରତିଷ୍ଠିତ ଶୋଷଣମୁକ୍ତ ପୁଞ୍ଜିବାଦୀ ସମାଜ ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ ଦରକାର। ଏହି ଉଦ୍ଦେଶ୍ୟରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଜନ ଜୀବନର ଜ୍ୱଳନ୍ତ ସମସ୍ୟାକୁ ନେଇ ତୃଣମୂଳସ୍ତରରୁ ସଠିକ୍ ନେତୃତ୍ୱ ଏବଂ ଉନ୍ନତ ନୀତି ନୈତିକତା ଓ ଆଦର୍ଶ ଭିତ୍ତିର ଶକ୍ତିଶାଳୀ ଗଣଆନ୍ଦୋଳନ ଗଢ଼ି ତୋଳିବାକୁ ସେ ଉପସ୍ଥିତ ଆହ୍ୱାନ ଦେଇଥିଲେ।

ଜିଲାସ୍ତରୀୟ କର୍ମୀ ସଭାରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ ଅଫିସ୍ ସମ୍ପାଦିକା ସ୍ୱୟଂପ୍ରଭା ନାୟକ, ରାଜ୍ୟ କମିଟି ସଭ୍ୟ ନିରାକାର ପଣ୍ଡା, ବ୍ରଜବନ୍ଧୁ ସାହୁ ଏବଂ ଜିଲା କମିଟି ସଭ୍ୟ ନବକିଶୋର ପ୍ରଧାନ, ତୀର୍ଥବାସୀ ଭୋଇ, ସୁବାସ ପ୍ରଧାନ, ମାନସ ପାଳ, ମନ୍ଦୋଦରୀ ରାଉଳ, ସରୋଜିନୀ ନାୟକ, ରଣଜିତ ପ୍ରଧାନ, ସଞ୍ଜୟ ସାହୁ ପ୍ରମୁଖ ଯୋଗଦେଇ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଆକାଶଛୁଆଁ ଦରବୃଦ୍ଧି ବନ୍ଦ କରି ଅତ୍ୟାବଶ୍ୟକ ସାମଗ୍ରୀର ସାମଗ୍ରୀକ ରାଷ୍ଟ୍ରୀୟ ବାଣିଜ୍ୟ ବ୍ୟବସ୍ଥା ପ୍ରଚଳନ କରିବା, ଜନବିରୋଧୀ ଜାତୀୟ ଶିକ୍ଷାନୀତି–୨୦୨୦ ବାତିଲ କରିବା, ସମସ୍ତ ସ୍କୁଲ, କଲେଜରେ ଖାଲି ପଡିଥିବା ଶିକ୍ଷକ, ଅଧ୍ୟାପକ ପଦବୀ ପୂରଣ କରିବା, ସମସ୍ତ ବେକାରଙ୍କୁ ନିଯୁକ୍ତି ପ୍ରଦାନ କରିବା ଏବଂ ନିଯୁକ୍ତି ନମିଳିବା ପର୍ଯ୍ୟନ୍ତ ବେକାରୀ ଭତ୍ତା ପ୍ରଦାନ କରିବା, ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରିବା, ଜନସ୍ୱାର୍ଥୀ ବିରୋଧୀ ବିଦ୍ୟୁତ୍ ବିଲ୍ ୨୦୨୨କୁ ବାତିଲ କରିବା ଏବଂ ସ୍ମାର୍ଟ ମିଟର ବସାଇବା ବନ୍ଦ କରିବା, ଜଙ୍ଗଲ ସଂରକ୍ଷଣ ଆଇନ୍ –୨୦୨୩କୁ ବାତିଲ କରିବା, ଅଭୟାରଣ୍ୟ ଏବଂ ବ୍ୟାଘ୍ର, ହାତୀ ପ୍ରକଳ୍ପ ନାଁରେ ବିସ୍ଥାପନ ବନ୍ଦ କରିବା, ଶିଳ୍ପ ଓ କୋଇଲା ଖଣି ଦ୍ୱାରା ହେଉଥିବା ବ୍ୟାପକ ପ୍ରଦୂଷଣ ଏବଂ ବିସ୍ଥାପନ ବନ୍ଦ କରିବା, କୃଷିଜାତ ଦ୍ରବ୍ୟ ପାଇଁ ଏମ୍‌ଏସ୍‌ପିକୁ ଆଇନ୍ ସମ୍ମତ କରିବା, ମରୁଡିର ମୁକାବିଲା ପାଇଁ ଜିଲାରେ ପ୍ରସ୍ତାବିତ ସମସ୍ତ ଜଳସେଚନ ଯୋଜନା କାର୍ଯ୍ୟକାରୀ କରିବା, ହାତୀ, ବାରହା ସମେତ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ଉପଦ୍ରବ ବନ୍ଦ କରିବା ପ୍ରଭୃତି ଦାବିରେ ଜିଲାବ୍ୟାପୀ ଆନ୍ଦୋଳନ ଗଢ଼ି ତୋଳିବା ସହିତ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ ପାଇଁ ଚାଲୁରହିଥିବା ଗଣସ୍ୱାକ୍ଷର ଅଭିଯାନକୁ ସଫଳ କରିବାକୁ ସେ ଉପସ୍ଥିତ କର୍ମୀ ଓ ସମର୍ଥକମାନଙ୍କୁ ଆହ୍ୱାନ ଦେଇଥିଲେ ।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ଜଣେ ମୃତ

ରାସୋଳ,୨୦।୧୦(ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ବମ୍ପା ସେକ୍ସନ ଠେଙ୍ଗା ଗ୍ରାମର ରମେଶ ଖମାରୀ(୪୯) ରବିବାର ଭୋର ସମୟରେ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଯାଇଛି। ରମେଶ ଭୋର ୫ଟା ସମୟରେ ବେଣାଗାଡିଆ ପୋଖରୀ ନିକଟକୁ ଶୌଚ ପାଇଁ ଯାଇଥିଲେ । ସେଠାରେ ଥିବା ଏକ ହାତୀ ତାଙ୍କୁ ଶୁଣ୍ଢରେ କଚାଡି ଦେଇଥିଲା । ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବନବିଭାଗ ପହଁଚି ଘଟଣାର ତଦନ୍ତ କରୁଛି । ରାସୋଳ ପୋଲିସ ମୃତଦେହ ଜବତ କରି କେସ୍ ନଂ–୨୬।୨୪ରେ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି ।

### କାମିନୀ ଦିଦିଙ୍କ ବିୟୋଗରେ ଶୋକ

ପରଜଙ୍ଗ,୨୦।୧୦ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କଲଦା ପଞ୍ଚାୟତ ନାରଣପଡା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଭ୍ରମରବର ବିଶ୍ୱାଳଙ୍କ ସ୍ତ୍ରୀ ଅବସରପ୍ରାପ୍ତ ଶିକ୍ଷୟତ୍ରୀ କାମିନୀ ଦେବୀ (୭୫)ଙ୍କ ଶନିବାର ରାତିରେ ମୃତ୍ୟୁ ଘଟିଛି। ଏହି ଖବର ଜାଣିବା ପରେ ତାଙ୍କ ବାସଭବନରେ ବହୁ ଛାତ୍ରୀଛାତ୍ର, ଶିକ୍ଷୟତ୍ରୀଶିକ୍ଷକ ଓ ବହୁଲୋକ ଆସି ଶେଷଦର୍ଶନ କରିଥିଲେ। ମୃତ୍ୟୁବେଳକୁ ପାଖରେ ସ୍ୱାମୀ, ତିନି ବୋହୂ ପୁଅ, ନାତୁଣୀ ନାତି, ଝିଅ ଜ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କର ମରଶରୀରକୁ ଗ୍ରାମ ପରିକ୍ରମା କରିବା ପରେ ସ୍ୱର୍ଗଦ୍ୱାରରେ ଦାହ କରାଯାଇଛି। ତାଙ୍କ ମୃତ୍ୟୁରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପରଜଙ୍ଗ ପୂର୍ବତନ ବିଧାୟକ ନୃସିଂହ ସାହୁ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ସୃଜନଶୀଳତା ଓ ସାମାଜିକ ମୂଲ୍ୟବୋଧର ପ୍ରତୀକ ଶାଲୁ ଜିନ୍ଦଲ

ଅନୁଗୋଳ,୨୦।୧୦(ମାନସ ବିଶ୍ୱାଳ)



କେଦାରଗୌରୀ ଦୃଷ୍ଟିହୀନ ସ୍କୁଲରେ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ଉପହାର ଓ ଖାଦ୍ୟ ସାମଗ୍ରୀ ବଣ୍ଟନ ।

ଅନୁଗୋଳ ସ୍ଥିତ ଓପି ଜିନ୍ଦଲ ସ୍କୁଲ ପରିସରରେ ଜେଏସ୍‌ପି ଫାଉଣ୍ଡେଶନ ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କ ଜନ୍ମବାର୍ଷିକୀ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳିତ ହୋଇଛି। ଓପି ଜିନ୍ଦଲ ସ୍କୁଲର ଅଧ୍ୟକ୍ଷ ଡକ୍ଟର ଅଶ୍ୱିନୀ କୁମାର ସାହୁଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀ ଶିକ୍ଷିକ ଏବଂ ଛାତ୍ରୀଛାତ୍ରଙ୍କ ଗହଣରେ ଉତ୍ସାହ ଉଦ୍ଦୀପନାର ସହ ପାଳନ କରାଯାଇଥିଲା । ଏହି ଅବସରରେ ଶ୍ରୀମତୀ ଜିନ୍ଦଲଙ୍କ ମାନବୀୟ ଦୃଷ୍ଟିକୋଣ,ସେବା, ସ୍ୱାସ୍ଥ୍ୟ,ସାମାଜିକ ମୂଲ୍ୟବୋଧ, ପରିବେଶ ସୁରକ୍ଷା ତଥା ସୃଜନଶୀଳତା ଉପରେ ପର୍ଯ୍ୟବସିତ ବିବିଧ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଶ୍ରୀମତୀ ଜିନ୍ଦଲଙ୍କ ଆଲେଖ୍ୟ ଅଙ୍କନ ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ କଲ୍ୟାଣ କାର୍ଯ୍ୟରେ ତାଙ୍କ ଉଲ୍ଲେଖନୀୟ ଭୂମିକାର ପ୍ରତିପାଦନ କରିଥିଲେ। ସ୍କୁଲ ଅଧ୍ୟକ୍ଷ, ଉପାଧ୍ୟକ୍ଷ ତଥା ବିଦ୍ୟାଳୟର ପ୍ରଶାସକ, ସଂଯୋଜକ ସଂଯୋଜିକା, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ସ୍କୁଲ ଛାତ୍ରଛାତ୍ରୀ ଏନ୍‌ସିସି,ସ୍କାଉଟ ଏବଂ ଗାଇଡ୍ (ବାଳିକା ବର୍ଗ) ବୃକ୍ଷରୋପଣ ତଥା ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସ୍କୁଲର ରେଡକ୍ରସ ସଂଯୋଜକଙ୍କ ନେତୃତ୍ୱରେ ଅନଗୁଳ ସ୍ଥିତ କେଦାରଗୌରୀ ଦୃଷ୍ଟିହୀନ ସ୍କୁଲ ପରିଦର୍ଶନ କରି ସ୍କୁଲ ତରଫରୁ ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କୁ ଉପହାର ଓ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଛାତ୍ରୀଛାତ୍ରଗଣ ଶ୍ରୀମତୀ ଜିନ୍ଦଲଙ୍କ ଚିତ୍ରାଙ୍କନ କରି ସୃଜନଶୀଳତା ପ୍ରଦର୍ଶନ ସହ ସେମାନଙ୍କ କୃତଜ୍ଞତା ଜ୍ଞାପନ କରିଥିଲେ।

# ତାଲାଭାଙ୍ଗି ବିଦ୍ୟାଳୟରୁ ଲୁଟ୍

ବଇଣ୍ଡା,୨୦।୧୦(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଠାକୁରଗଡ଼ ସାନହୁଲା ହାଇସ୍କୁଲର ଶ୍ରେଣୀଗୃହ ଫାଟକ ତାଲା ଭାଙ୍ଗି ଲୁଟ୍ ହୋଇଥିବା ଶନିବାର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଶ୍ୱନାଥ ପ୍ରଧାନ ଠାକୁରଗଡ଼ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ମାମଲା ରୁଜୁ କରିବା ସହିତ ବିଦ୍ୟାଳୟରେ କେତେକ ଯୁବକ ପଶି ଶ୍ରେଣୀଗୃହ ତାଲାଭାଙ୍ଗି ବିଦ୍ୟାଳୟରେ ଥିବା ୨ବସ୍ତା ଚାଉଳ, ୩୦କିଲୋ ଡାଲି, ୧୦କିଲୋ ସୋୟାବଡ଼ି, ୫ଲିଟର ସୋରିଷ ତେଲ, ଓଜନ ମେସିନ ଓ ଗୋଟିଏ ଫ୍ୟାନ ଲୁଟ୍‌କରି ନେଇଥିବା ପୋଲିସ ସୂଚନା ଦେଇଛି।

# ମା’ପାଇଁ ଗଛଟିଏ




ଢେଙ୍କାନାଳ,୨୦।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଲାଉଲଇସ୍ଥିତ ଫିଜିଓଥେରାପି ସେଣ୍ଟରଠାରେ ନେହେରୁ ଯୁବକେନ୍ଦ୍ର ଢେଙ୍କାନାଳ ପକ୍ଷରୁ ପ୍ରିୟ ସ୍ୱେଚ୍ଛାସେବୀ ସଂଗଠନ ପରିସରରେ ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ପ୍ରିୟ ଅନୁଷ୍ଠାନ ନିର୍ଦ୍ଦେଶକ ଟଙ୍କଧର ବାରିକଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀମାନେ ୧୦୦ଟି ଫଳଗଛ ଚାରାରୋପଣ କରିଥିଲେ । କାର୍ଯ୍ୟକ୍ରମରେ ଲଳନପ୍ରଭା ସେନାପତି, ସ୍ୱାଗତିକା ରାଉତ, ସୌଭାଗ୍ୟଲକ୍ଷ୍ମୀ ତରାଇ, ଅନ୍ନପୂର୍ଣ୍ଣା ଧଳ, କୁସୁମିତା ବାଗ, ପର୍ଶୁରାମ ଦାସ ଓ ପ୍ରକାଶ ସାମଲ ପ୍ରମୁଖ ସାମିଲ ହୋଇ ପରିଚାଳନା କରିଥିଲେ ।

# ଓଏଏସ୍‌ରେ କଣିହାଁ ବ୍ଲକରେ ୩ଜଣଙ୍କ ସଫଳତା

ପବିତ୍ରନଗର, ୨୦।୧୦ (ନିରୋଜ କୁମାର ପ୍ରଧାନ)



ମୁକେଶ



ଆଦିତ୍ୟ



ଦେବାଶିଷ

ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ହୋଇଥିବା ପ୍ରଶାସନିକ ସେବା ପରୀକ୍ଷାରେ କଣିହାଁ ବ୍ଲକର ଭୀମକାଣ୍ଡ ଗ୍ରାମର ଦେବାଶିଷ ସିଂହ, ବୁରୁକୁନା ପଞ୍ଚାୟତ ଶରଧାପୁର ଗ୍ରାମର ଆଦିତ୍ୟ ପ୍ରସାଦ ସାହୁ ଓ ଝରାବେରେଣୀ ଆଦର୍ଶ ବିଦ୍ୟାଳୟର ଶିକ୍ଷକ ତଥା ଦେବଗଡ ଅଞ୍ଚଳର ମୁକେଶ କୁମାର ଭୋଇ ସଫଳତା ହାସଲ କରିଛନ୍ତି। ବିଜିଗୋଳ ପଞ୍ଚାୟତ ଭୀମକାଣ୍ଡ ଗ୍ରାମର ଦେବାଶିଷ ପ୍ରଥମଥର ପରୀକ୍ଷା ଦେଇ ୩୨୭ ର୍‍ୟାଙ୍କରେ ସଫଳତା ହାସଲ କରିଛନ୍ତି। ସେ ଦିଲ୍ଲୀପ ସିଂ ଓ ସ୍ନିଗ୍ଧାରାଣୀ ସିଂଙ୍କ କନିଷ୍ଠ ପୁତ୍ର। ଦେବାଶିଷ ବ୍ରହ୍ମପୁର ପାରଳା ମହାରାଜା ଇଞ୍ଜିନିୟରିଂ କଲେଜରେ ବିଟେକ୍ କରିଛନ୍ତି।

ସେହିପରି ବୁରୁକୁନା ପଞ୍ଚାୟତ ଶରଧାପୁର ଗ୍ରାମର ଆଦିତ୍ୟ ପ୍ରସାଦ ସାହୁ ୬୭୪ ର୍‍ୟାଙ୍କ ପାଇଛନ୍ତି। ସେ ନିରଞ୍ଜନ ସାହୁ ଓ ସାବିତ୍ରୀ ସାହୁଙ୍କ ଜ୍ୟେଷ୍ଠ ପୁତ୍ର। ଆଦିତ୍ୟ ବର୍ତ୍ତମାନ ଢେଙ୍କାନାଳ ଜିଲ୍ଲା ଗଁଦିଆ ବିଶ୍ୱନାଥପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି । ତାଙ୍କ ସଫଳତା ନେଇ ଗ୍ରାମରେ ସମସ୍ତେ ଉତ୍ସାହିତ ଥିବାବେଳେ ଏହା ଆମ ଗାଁ ପାଇଁ ଗର୍ବର ବିଷୟ ବୋଲି ସରପଞ୍ଚ ଦୁଃଖବନ୍ଧୁ ବେହେରା ପ୍ରକାଶ କରିଛନ୍ତି।

ସେହିପରି କଣିହାଁ ବ୍ଲକ ଝରାବେରେଣୀ ସ୍ଥିତ ଆଦର୍ଶ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ଦେବଗଡ଼ ଜିଲା ହେଟଖମାର ଢୋଲପଡ଼ା ଗ୍ରାମର ମୁକେଶ କୁମାର ଭୋଇ ମଧ୍ୟ ସଫଳତା ପାଇଛନ୍ତି ।

# କୂଅରେ ପଡ଼ି ଯୁବତୀଙ୍କ ମୃତ୍ୟୁ

ଛେଣ୍ଡିପଦା, ୨୦।୧୦ (ଅଜିତ ଧଳ)

ଅନୁଗୋଳ ଜିଲା ବାଗଡ଼ିଆ ଥାନା ଅନ୍ତର୍ଗତ ବସନ୍ତପୁର ଗ୍ରାମ ପଞ୍ଚାୟତ ଡେଉଁରିଆଝରଣ ଗାଁରେ କୂଅରେ ପଡ଼ି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦୀପା ନାଏକ। ଦୀପା ରବିବାର ସକାଳେ ଶୌଚ ପାଇଁ ଘର ପଛପାଖକୁ ଯାଉଥିବା ବେଳେ ଘର ବାଡ଼ିପଟେ ଥିବା ଖୋଲା କୂଅରେ ପଡିଯାଇଥିଲେ। ଝିଅ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ । ପରେ କୂଅରେ ପଡିଥିବା ଦେଖି ଛେଣ୍ଡିପଦା ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ପହଞ୍ଚି କୂଅ ଭିତରୁ ଯୁବତୀଙ୍କୁ ଉଦ୍ଧାର କରିବା ବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। ଖବର ପାଇ ବାଗଡିଆ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ମେଡିକାଲକୁ ପଠାଇଛି।

# କିଶୋରନଗର ବ୍ଲକରୁ ୨ଜଣଙ୍କ ସଫଳତା

ବଇଣ୍ଡା,୨୦।୧୦ (ପରିକ୍ଷୀତ ସାହୁ)



ନେପୋଲିୟନ



ରଶ୍ମିରଞ୍ଜନ

ଓଏଏସ୍ ପରୀକ୍ଷାରେ ଅନୁଗୋଳ ଜିଲା କିଶୋରନଗର ବ୍ଲକ ଘୋଷାର ଓ ବଇଣ୍ଡା ଗ୍ରାମର ୨ଜଣ ସଫଳତା ହାସଲ କରିଛନ୍ତି। ହିମିତିରା ପଞ୍ଚାୟତ ଘୋଷାର ଗ୍ରାମର ରଶ୍ମିରଞ୍ଜନ ରାଉତ ୪୦ତମ ସ୍ଥାନରେ ରହିଛନ୍ତି। ଏହି ସଫଳତା ପଛରେ ତାଙ୍କ ସ୍ୱର୍ଗତ ପିତା ପ୍ରଭାକର ରାଉତଙ୍କ ପ୍ରେରଣା ରହିଥିବା ସେ ପ୍ରକାଶ କରିଛନ୍ତି। ରଶ୍ମିରଞ୍ଜନ ଅନୁଗୋଳ ଇଣ୍ଡିଆନ ଓଭରସିଜ ବ୍ୟାଙ୍କରେ କ୍ୟାସିଅର୍ ଭାବରେ କାର୍ଯ୍ୟ କରନ୍ତି। ପୂର୍ବରୁ ୫ଥର ପରୀକ୍ଷା ଦେଇଥିଲେ ମଧ୍ୟ ସେ ଭାଙ୍ଗିପଡ଼ି ନଥିଲେ। ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ବଳରେ ଆଜି ସଫଳତା ହାସଲ କରିଛନ୍ତି। ଏଥିରେ ତାଙ୍କୁ ତାଙ୍କ ପତ୍ନୀ ସହଯୋଗ କରିବା ସହ ମନୋବଳ ବଢାଇଥିବା ଯୋଗୁଁ ସେ ଏହି ସଫଳତା ପାଇଥିବା କହିଛନ୍ତି। ସେହିପରି ବଇଣ୍ଡା ଅଞ୍ଚଳର ଶିକ୍ଷକ ରଞ୍ଜିତ ପ୍ରଧାନ ଓ ରିତାରାଣୀ ପ୍ରଧାନଙ୍କର ପୁଅ ନେପୋଲିୟନ ପ୍ରଧାନ ୨୬୨ତମ ସ୍ଥାନରେ ରହିଛନ୍ତି। ସେ ଏମ୍‌ଟେକ କରିବା ସହ ଓପିଏସ୍‌ସି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। କଠିନ ପରିଶ୍ରମ, ବାପା ଓ ମା’ଙ୍କ ଆଶୀର୍ବାଦ ଯୋଗୁଁ ସେ ଏହି ସଫଳତା ପାଇପାରିଛନ୍ତି ବୋଲି କହିଥିଲେ। ଉଭୟଙ୍କୁ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି ।

# ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ମୌଳିକ ସମସ୍ୟା ଦୂର ଦାବି




ଅନୁଗୋଳ,୨୦।୧୦(ମାନସ ବିଶ୍ୱାଳ)

ଅନୁଗୋଳ ସହର ସ୍ଥିତ ଜଗନ୍ନାଥ ମନ୍ଦିର ପଛ ପାଖ ଟାଉନ ହଲରେ ରବିବାର ଅନୁଗୋଳ ଜିଲା ଆଉଟ ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ସେମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ଦୂର କରିବା ଦାବିରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ସମ୍ମିଳନୀରେ ସଂଘର ସଭାପତି ଯୁଗନମୟୀ ଦାଶ ଯୋଗଦେଇ ବହୁବାର ଶାନ୍ତିପୂର୍ଣ୍ଣ ଧର୍ମଘଟ ପରେ ପୂର୍ବତନ ରାଜ୍ୟ ସରକାର ଖୁବଶୀଘ୍ର ଆଉଟ ସୋର୍ସିଂ କର୍ମଚାରୀଙ୍କ ପ୍ରତି ନ୍ୟାୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମହାମାରୀ କୋଭିଡ୍ ଆକ୍ରମଣରେ ସାରା ବିଶ୍ୱ ଆକ୍ରାନ୍ତ ହେଲା ବେଳେ ଏହି ଆଉଟସୋର୍ସିଂ କର୍ମଚାରୀ ଦିନରାତି ପରିଶ୍ରମ କରି ଧନ, ଜୀବନ, ରାଷ୍ଟ୍ରୀୟ ସମ୍ପତିର ସୁରକ୍ଷାରେ ଲିପ୍ତ ଥିଲେ। ନ୍ୟାୟ ପ୍ରଦାନ ପରିବର୍ତ୍ତେ କୌଣସି କାରଣ ନଥାଇ ବିଭିନ୍ନ ବିଭାଗରେ ୬ ରୁ ୧୬ ବର୍ଷ ପର୍ଯ୍ୟନ୍ତ ନିଷ୍ଠାର ସହ ସେବା ଯୋଗାଇଥିବା କର୍ମଚାରୀମାନଙ୍କୁ ଚାକିରିରୁ ଛଟେଇ କରିଥିଲେ। ଗୃହ ବିଭାଗ ଅତ୍ୟନ୍ତ ଅମାନୁଷିକ ଭାବରେ ଡାଟାଏଣ୍ଟ୍ରି ଅପରେଟର ନିଯୁକ୍ତି ଉପରେ ଗତ ୨୦୨୨ ଜୁଲାଇ ୧୩ରେ ଏକ ନିଷେଧାଦେଶ ଜାରିକଲେ। ପରିଣାମ ସ୍ୱରୂପ ରାଜ୍ୟରୁ ପ୍ରାୟ ଚାରି ହଜାରରୁ ଅଧିକ କର୍ମଚାରୀ ଚାକିରିରୁ ଛଟେଇ ହେଲେ। ଗୋଟିଏ ପଟେ ଛଟେଇ ଓ ଅନ୍ୟପଟେ ମହଙ୍ଗା ବଜାରରେ ମାତ୍ର ୨୫% ଦରମା ବୃଦ୍ଧି ଘୋଷଣା କଲେ ଯାହା ସମସ୍ତ ଆଉଟସୋର୍ସିଂ କର୍ମଚାରୀମାନଙ୍କୁ ଆଜି ଯାଏ ମିଳିଲା ନାହିଁ ଏବଂ ଏହି ବର୍ଗରେ ନିଯୁକ୍ତି କରି ଅଧିକାଂଶଙ୍କୁ ଦିନମଜୁରିଆ ମାନ୍ୟତା ଦେଇ ସୁବିଧାରୁ ବଞ୍ଚିତ କରାଗଲା। ଏପରିକି ୩୦ ଦିନର ଦରମା ଛୁଟିରୁ ବି ବଞ୍ଚିତ ହୋଇଥିବା ଦୁଃଖର ବିଷୟ ବୋଲି ପ୍ରକାଶ କରିଥିଲେ ।

ସାଧାରଣ ସମ୍ପାଦକ ସଞ୍ଜୟ କୁମାର ସାହୁ କହିଲେ, ପୂର୍ବ ସରକାରଙ୍କ ନିକଟରେ ମହାସଂଘ ଲଗାତର ଭାବେ ଛଟେଇ, ଦିନ ମଜୁରିଆ ଓ ଆଉଟସୋର୍ସିଂ ବ୍ୟବସ୍ଥାକୁ ଦୂର କରି ସମସ୍ତଙ୍କୁ ଆଉଟସୋର୍ସିଂ କର୍ମଚାରୀ ଭାବେ ବିବେଚନା କରିବାକୁ ଦାବି କରିଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ସେହି ସମୟରେ ବିରୋଧୀ ଦଳର ମୁଖ୍ୟ ସଚେତକ ଥିବା ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହି ଅସହାୟ କର୍ମଚାରୀଙ୍କୁ ସ୍ଥାୟୀ କରିବାକୁ ଉଭୟ ବିଧାନସଭା ଓ ବାହାରେ ମଧ୍ୟ ଦୃଢ ଦାବି ଉପସ୍ଥାପନ କରିଥିଲେ। ସୌଭାଗ୍ୟକୁ ସେ ଆଜି ମୁଖ୍ୟମନ୍ତ୍ରୀ। ତେଣୁ ନିଶ୍ଚିତ ଭାବେ କର୍ମଚାରୀଙ୍କୁ ନ୍ୟାୟ ପ୍ରଦାନ କରିବେ ବୋଲି ଆଶା କରିଛନ୍ତି। ମହାସଂଘର କର୍ମକର୍ତ୍ତାମାନେ ନୂତନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତକରି ଛଟେଇ କର୍ମଚାରୀମାନଙ୍କୁ ପୁନଃ ନିଯୁକ୍ତି ସହ ଛଟେଇ ବନ୍ଦ କରିବା, ଡେଲିୱେଜେସ୍ କର୍ମଚାରୀଙ୍କୁ ଆଉଟସୋର୍ସିଂ କର୍ମଚାରୀମାନଙ୍କ ଭଳିସମାନ ସୁବିଧା ପ୍ରଦାନ କରିବା ସହ ସମସ୍ତ ବର୍ଗର ଆଉଟସୋର୍ସିଂ କର୍ମଚାରୀମାନଙ୍କୁ ସ୍ଥାୟୀ କରିବା ଓ ସ୍ଥାୟୀ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସର୍ବନିମ୍ନ ଦରମା ସହିତ ଚାକିରିର ନିରାପତ୍ତା ପାଇଁ ମହାସଂଘର ନେତୃତ୍ୱ ନିବେଦନ କରିଥିବାର ପ୍ରକାଶ କରିଛନ୍ତି । ଏହି ସମ୍ମିଳନୀରେ ରାଜ୍ୟ ମହାସଂଘର ସଭାପତି ସଂଜୟ ପଟ୍ଟନାୟକ, ମହାସଚିବ ହେମନ୍ତ ବଢ଼ିଆ, ତାପସ ମିଶ୍ର, ପୂର୍ଣ୍ଣନନ୍ଦ ମିଶ୍ର, ସନ୍ତୋଷ ସିଂ, ଅନୁଗୋଳ ଜିଲା ଆଉଟସୋର୍ସିଂ ସଙ୍ଘର ସଭାପତି ଯୁଗନମୟୀ ଦାଶ, ସାଧାରଣ ସମ୍ପାଦକ ସଞ୍ଜୟ କୁମାର ସାହୁ, ଅଖିଳ କୁମାର ସାହୁ, ସସ୍ମିତା ବେହେରା, ସୌମ୍ୟପ୍ରକାଶ ଷଡ଼ଙ୍ଗୀ ଓ ବାପୁନ ମହାକୁଡ଼ ପ୍ରମୁଖ ଯୋଗ ଦେଇଥିଲେ।

# ମା’ଖାରିବୁଢ଼ୀ ଫୁଟ୍‌ବଲ ଟୁର୍ନାମେଣ୍ଟ: ଶାଳଖମଣ ଚାମ୍ପିୟନ



ଛେଣ୍ଡିପଦା, ୨୦।୧୦ (ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ଶିମିଳିପାଳ ଗ୍ରାମପଞ୍ଚାୟତର ଚାଉଳପୁଟ ଖେଳ ପଡିଆରେ ରବିବାର ମା’ଖାରିବୁଢ଼ୀ ସ୍ପୋର୍ଟ୍ସ କ୍ଲବ ପକ୍ଷରୁ ବ୍ଲକସ୍ତରୀୟ ୮ଟି ଦଳକୁ ନେଇ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ଦିଲୀପ କୁମାର ପୁଢ଼ଙ୍କ ନେତୃତ୍ୱରେ ଏହି ଖେଳ ଆୟୋଜିତ ହୋଇଥିଲା। ଏହି ଖେଳରେ ୮ଟି ଦଳ ଯଥା ଦେବଗଡ଼ର ଲୁଲଙ୍ଗ, ବାଗଡିଆ, ପାଟକୁମୁଣ୍ଡା, ଖମାର, ଶାଳଖମଣ, ଡେରେଙ୍ଗ, ସମ୍ବଲପୁରର ସରାପାଲି ଓ ଡଙ୍ଗଁଟା ଦଳଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚରେ ଦେବଗଡ଼ ଜିଲା ଲୁଲଙ୍ଗ ଦଳକୁ ୬–୫ ଗୋଲରେ ହରାଇ ଶାଳଖମଣ ଦଳ ଚାମ୍ପିଅନ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଗୌରଚନ୍ଦ୍ର ବେହେରା, ଚାଉଳପୁଟ ଗ୍ରାମ ସଭାପତି ଦ୍ୱାରିକା ନାଥ ପୁଢ଼, ସାହି ମୁଖ୍ୟ ବୈଷ୍ଣବ ଚରଣ ମାଝୀ, ବରସାହି ପୂର୍ବତନ ସରପଞ୍ଚ ବିଜୟ କୁମାର ଗଡ଼ନାୟକ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ମାନିତ ଅତିଥି ଭାବେ ଶିମିଳିପାଳ ସରପଞ୍ଚ ଗିରିଶ ଚନ୍ଦ୍ର ପ୍ରଧାନ, ବରସାହି ସରପଞ୍ଚ କ୍ଷିରୋଦିନୀ ବେହେରା, ପୂର୍ବତନ ସରପଞ୍ଚ ଯୋଗେଶ୍ୱର ସାହୁ, ଭାଜପା ଜିଲା ସମ୍ପାଦକ ଚୌଧୁରୀ ପ୍ରଧାନ, ହିମାଂଶୁ ସ୍ୱାଇଁ, ଭାଜପା ବାଗଡିଆ ମଣ୍ଡଳ ସଭାପତି ମନୋଜ ଆଚାର୍ଯ୍ୟ, ପୂର୍ବତନ ସମିତି ସଭ୍ୟ ଧିରେନ ବାରିକ, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ଚନ୍ଦନ, ଇନ୍ଦ୍ରମଣୀ ସାହୁ ଓ ରବୀନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ରେଫରୀ ଭାବେ ସୁବାସ ମନ୍ଧା, ପ୍ରଶାନ୍ତ ମୁଣ୍ଡା, ଯଶୋବନ୍ତ ପ୍ରଧାନ ଓ ଟୁକୁନା ଗଡତିଆ ପରିଚାଳନା କରିଥିଲେ। ଏହି ଖେଳରେ ମା’ ଖାରିବୁଢ଼ୀ ସ୍ପୋର୍ଟ୍ସ କ୍ଲବର ଉପସଭାପତି ପଙ୍କଜ କୁମାର ନାଥ, ସମ୍ପାଦକ ପ୍ରଭାସ କୁମାର ବେହେରା, ସୁବ୍ରତ କୁମାର ବେହେରା, ସାଲବେଗ ବାରିକ, ରଘୁନାଥ ବେହେରା, ପର୍ଶୁରାମ ନାଥ, ବିଭୁତି ଭୂଷଣ ପୁଢ଼, ନିଲୁ ବାରିକ, ରିପନ ନାଥ, ଲିପନ ମାଝୀ, ଉମାଶଙ୍କର ନାଥଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

